ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID/IPR/GAPG/181-08/07/2026




# ବିକଶିତ ଓଡ଼ିଶା ଭିଜନ୍ ୨୦୩୬ ଓ ୨୦୪୭ର ଅଗ୍ରଗତି ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ

## ରଣନୀତିମୂଳକ ବୈଷୟିକ ସହଯୋଗ, ସୁଦୃଢ଼ ନିରୀକ୍ଷଣ ବ୍ୟବସ୍ଥା ଏବଂ ପ୍ରାଥମିକତା କ୍ଷେତ୍ରଗୁଡ଼ିକରେ ଲକ୍ଷ୍ୟଭିତ୍ତିକ ପଦକ୍ଷେପ ନେଇ ଗୁରୁତ୍ୱାରୋପ

ଭୁବନେଶ୍ୱର, ୮ ଜୁଲାଇ: ୨୦୨୬

ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଙ୍କ ଅଧ୍ୟକ୍ଷତାରେ ଆଜି ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ବିକଶିତ ଓଡ଼ିଶା ଭିଜନ୍ ୨୦୩୬ ଓ ୨୦୪୭ର ଅଗ୍ରଗତି ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଦି କନଭର୍ଜେନ୍ସ ଫାଉଣ୍ଡେସନ୍ ( ଟିସିଏଫ୍ ) ଏବଂ ଏହାର ସହଯୋଗୀ ସଂସ୍ଥାଗୁଡ଼ିକ ଯଥା ସେଣ୍ଟର ଫର୍ ଇଫେକ୍ଟିଭ୍ ଗଭର୍ନାନ୍ସ ଅଫ୍ ଇଣ୍ଡିଆନ୍ ଷ୍ଟେଟ୍ସ ( ସିଇଜିଆଇଏସ), ଫାଉଣ୍ଡେସନ୍ ଫର୍ ଇକନୋମିକ୍ ଡେଭେଲପମେଣ୍ଟ (ଏଫଇଡି), ଉଦ୍ଦୈତୀ, ପ୍ରସ୍ପେରିଟି, ରକେଟ୍ ଲର୍ଣ୍ଣିଂ, ସେଣ୍ଟ୍ରାଲ୍ ସ୍କୋୟାର ଫାଉଣ୍ଡେସନ୍, ଗତି ଫାଉଣ୍ଡେସନ୍ ଏବଂ 'ଅତିଥି'ର ନେତୃତ୍ୱ ଦଳ ଉପସ୍ଥିତ ଥିଲେ ।

ସୂଚନା ଯୋଗ୍ୟ ଯେ, ଯୋଜନା ଓ ସଂଯୋଜନ ବିଭାଗ, ଓଡ଼ିଶା ସରକାର ଏବଂ ଦି କନଭର୍ଜେନ୍ସ ଫାଉଣ୍ଡେସନ୍ ମଧ୍ୟରେ ୧୩ ଫେବୃଆରୀ ୨୦୨୫ରେ ସ୍ୱାକ୍ଷରିତ ବୁଝାମଣା ପତ୍ର ( ଏମଓୟୁ ) ଅନୁଯାୟୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ଏବଂ ଭବିଷ୍ୟତ ସହଯୋଗର କ୍ଷେତ୍ରଗୁଡ଼ିକର ସମୀକ୍ଷା କରାଯାଇଥିଲା । ତିନି ବର୍ଷିଆ ଏହି ବୁଝାମଣା ପତ୍ରର ଉଦ୍ଦେଶ୍ୟ ହେଉଛି ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ହାସଲ ଦିଗରେ ରାଜ୍ୟ ସରକାରଙ୍କୁ ବିଭିନ୍ନ ପ୍ରମୁଖ କ୍ଷେତ୍ରରେ ରଣନୀତିମୂଳକ ବୈଷୟିକ ସହଯୋଗ ପ୍ରଦାନ କରିବା ।

ଦି କନଭର୍ଜେନ୍ସ ଫାଉଣ୍ଡେସନ୍‌ର ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀ ପ୍ରବୀଣ ଖାଙ୍ଗଠା ଏବଂ ପଲିସି ଓ ଗଭର୍ଣ୍ଣମେଣ୍ଟ ପାର୍ଟନରଶିପ୍‌ର ନିର୍ଦ୍ଦେଶକ ଶ୍ରୀ ପରୀକ୍ଷିତ ଲୁଥ୍ରାଙ୍କ ସମେତ ଟିସିଏଫ୍ ସହଯୋଗୀ ସଂସ୍ଥାଗୁଡ଼ିକର ପ୍ରତିନିଧିମାନେ ବୈଠକରେ ଯୋଗଦେଇଥିଲେ ।

ବର୍ତ୍ତମାନ ଟିସିଏଫ୍ ର ସହଯୋଗୀ ସଂସ୍ଥାଗୁଡ଼ିକ ରାଜ୍ୟ ସରକାରଙ୍କ ଶିଳ୍ପ,  ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା, ମହିଳା ଓ ଶିଶୁ ବିକାଶ, ଗୃହ ଓ ନଗର ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପର୍ଯ୍ୟଟନ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଉଚ୍ଚ ଶିକ୍ଷା ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରୁଛନ୍ତି । ସେମାନଙ୍କର କାର୍ଯ୍ୟପରିସର ମଧ୍ୟରେ ସୁଶାସନ ସଂସ୍କାର, ଶିକ୍ଷା, ମହିଳା ସଶକ୍ତିକରଣ, ପର୍ଯ୍ୟଟନ, ଦକ୍ଷତା ବିକାଶ, ସହରୀ ସଂସ୍କାର, ମାନସିକ ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା ଏବଂ ଅର୍ଥନୈତିକ ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ସାମିଲ ରହିଛି ।

ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ବିକଶିତ ଓଡ଼ିଶା ଭିଜନ୍ ୨୦୩୬ ଓ ୨୦୪୭ରେ ସ୍ଥିର କରାଯାଇଥିବା ଲକ୍ଷ୍ୟ ଓ ଉଦ୍ଦେଶ୍ୟଗୁଡ଼ିକର ସଫଳ କାର୍ଯ୍ୟାନ୍ୱୟନ ପାଇଁ  ଟିସିଏଫ୍  ଓ ଏହାର ସହଯୋଗୀ ସଂସ୍ଥାଗୁଡ଼ିକର ରଣନୀତିମୂଳକ ବୈଷୟିକ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଯେ, ସୁଦୃଢ଼ ନିରୀକ୍ଷଣ ବ୍ୟବସ୍ଥା ସହିତ ପ୍ରାଥମିକତା କ୍ଷେତ୍ରଗୁଡ଼ିକରେ ଲକ୍ଷ୍ୟଭିତ୍ତିକ ପଦକ୍ଷେପ ଦ୍ୱାରା ମାପଯୋଗ୍ୟ ଫଳାଫଳ ଏବଂ ସମୟସୀମା ମଧ୍ୟରେ ଅଗ୍ରଗତି ସୁନିଶ୍ଚିତ କରାଯାଇପାରିବ ।

ବୈଠକରେ ଓଡ଼ିଶା ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ, ଉଚ୍ଚ ଶିକ୍ଷା, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ଏବଂ ଏମଏସଏମଇ ବିଭାଗର କମିଶନର ତଥା ଶାସନ ସଚିବବୃନ୍ଦ, ନିର୍ଦ୍ଦେଶକ, ପୌର ପ୍ରଶାସନ, ସମାଜ ମଙ୍ଗଳ ନିର୍ଦ୍ଦେଶକା ଏବଂ ଯୋଜନା ଓ ସମନ୍ୱୟ ବିଭାଗ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟର ବରିଷ୍ଠ ପରାମର୍ଶଦାତା  ଶ୍ରୀ ଦେବେନ୍ଦ୍ର କୁମାର ଜେନା ବୈଠକ ଆୟୋଜନରେ ସଂଯୋଜନା କରିଥିଲେ ।

Pathani Rout
PRO to Chief Secretary